## ସଂକ୍ଷେପରେ

### ଅନଶନ ଭାଙ୍ଗିଲେ ସେବାୟତ

ବାରିପଦା ଅଫିସ,୮।୧୦- ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ନେଇ ସେବାୟତ ସଂଘ ପକ୍ଷରୁ ଚାଲିଥିବା ଅନଶନ ପ୍ରତ୍ୟାହୃତ ହୋଇଛି। ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀଙ୍କଠାରୁ ପ୍ରତିଶ୍ରୁତି ପାଇ ସେମାନେ ଅନଶନ ଭାଙ୍ଗିଛନ୍ତି। ଦୁଇ ଦିନ ଧରି ଅନଶନରେ ବସିବା ପରେ ଉପଜିଲାପାଳ ଅନ୍ୟା ଦାସ ଘଟଣାସ୍ଥଳକୁ ଯାଇ ସେବାୟତଙ୍କ ସହ ଆଲୋଚନା କରିଥିଲେ। ସୂପକାରଙ୍କ ପାଇଁ ମହାରାଣୀ ଧର୍ମଶାଳାରେ ଏକ କୋଠରୀ ପ୍ରଦାନ କରାଯିବା ସହ ସୋମବାର ସୁଦ୍ଧା ରଥ ଖୋଲାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି।

### ବେଧଡ଼କ ଚାଲିଛି ଗୋଚାଲାଣ

କୁଆମରା,୮।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲାର ବିଭିନ୍ନ ସାପ୍ତାହିକ ହାଟରୁ ପଡ଼ୋଶୀ ରାଜ୍ୟକୁ ଅବାଧରେ ଗୋରୁ ଚାଲାଣ କରାଯାଉଥିଲେ ମଧ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉଦଳା, ବାଲିଯୋଡ଼ା ପ୍ରଭୃତି ହାଟରୁ ସପ୍ତାହର ଦୁଇ ଦିନ ଗୋରୁଙ୍କୁ ପଶ୍ଚିମବଙ୍ଗ କଂସେଇଖାନାକୁ ଦଲାଲଙ୍କ ସହାୟତାରେ ଚାଲାଣ କରାଯାଉଛି। ରାତ୍ରି ସମୟରେ ପିକଅପ ଭ୍ୟାନରେ ୮ରୁ ୧୦ଟି ଗୋରୁଙ୍କୁ ଭର୍ତ୍ତି କରି ନିଆଯାଉଛି। ଦିନ ବେଳା ଦଳଦଳ ହୋଇ ଗୋରୁଙ୍କୁ ଏକାଠି ବାନ୍ଧି ନିଆ ଯାଉଛି। କିଛି ଦିନ ତଳେ ଚାଲାଣ ବେଳେ କୁଆମରା ନିକଟରେ ୯୭ ଗୋରୁଙ୍କୁ ଉଦ୍ଧାର କରି ବାଲେଶ୍ୱର ଗୋଶାଳାକୁ ପଠାଯାଇଥିଲା। ସେହି ଦିନଠାରୁ ଗୋଚାଲଣ ବନ୍ଦ ହୋଇ ଯାଇଥିବା ବେଳେ ପୁଣି ଏବେ ସପ୍ତାହର ରାତି ବେଳା ଟ୍ରକ୍‌ରେ ନିଆ ଯାଉଛି। ଫାଣ୍ଡି ଓ ଥାନା ସମ୍ମୁଖ ଦେଇ ଗୋରୁ ଚାଲାଣ ହେଉଥିଲେ ମଧ ପୋଲିସ ନିରବ ଦ୍ରଷ୍ଟା ସାଜିଛି। ଫଳରେ ବେପାରୀ ଓ ଜନ ସାଧାରଣଙ୍କ ମଧରେ ତିକ୍ତତା ଦେଖାଦେଉଛି। ପ୍ରଶାସନ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆଲୁମ୍ନି ମିଟ୍

ବାଲେଶ୍ୱର ଅଫିସ, ୮।୧୦-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗର ଆଲୁମ୍ନି ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏହାକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ଅତିଥି ରୂପେ ଯୋଗଦେଇଥିଲେ। ବିଭାଗ ମୁଖ୍ୟ ଡ. ନିହାର ରଞ୍ଜନ ରାଉତ ସଭା ପରିଚାଳନା କରିବା ସହିତ ପୂର୍ବ ବୈଠକର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ।

ବୈଠକରେ କୁଳପତି ପ୍ରଫେସର ତ୍ରିପାଠୀ ବିଭାଗର ଏପରି ପଦକ୍ଷେପକୁ ପ୍ରଶଂସା କରିଥିଲେ। ନୂଆ କରି ଆରମ୍ଭ ହୋଇଥିବା ଏହି ବିଭାଗର ଏହା ପ୍ରଥମ ଆଲୁମ୍ନି ମିଟ୍ ହୋଇଥିବା ଯୋଗୁ ବିଭାଗ ପାଇଁ ସ୍ମରଣୀୟ ବୋଲି ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ମତ ଦେଇଥିଲେ। ବିଭାଗ ଅଧାପକ ଡ. ରବି ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ବାଲିକୁଟୀ ପଞ୍ଚାୟତର ନୂତନ ବିଜେଡି ସଭାପତି

ଲଙ୍ଗଳେଶ୍ୱର, ୮।୧୦(ଡି.ଏନ.ଏ.)- ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତର ବିଜୁ ଜନତା ଦଳର ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ସାହୁ ବିଜେଡି ବାଲିକୁଟି ପଞ୍ଚାୟତର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସଭାପତି ଚୟନ ବେଳେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବ୍ଲକ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ଗିରି, ଜିଲା ପରିଷଦ ସଦସ୍ୟ ଯୁବନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ସରପଞ୍ଚ ବୈକୁଣ୍ଠ ଚରଣ ରାଉତ, ସମିତିସଭ୍ୟ ପ୍ରିୟନାଥ ମୁର୍ମୁ, ପୂର୍ବତନ ସରପଞ୍ଚ ଭଗବାନ ଗିରି, ଅରୁଣ ସାମଲ ପ୍ରମୁଖ ଯୋଗଦେଇଥିଲେ। ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ଗିରି ପଞ୍ଚାୟତର ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନାମ ଘୋଷଣା କରାଯାଇଥିଲା। ପରେ ନୂତନ ସଭାପତିଙ୍କୁ ବିଧାୟକ ନିତ୍ୟାନନ୍ଦ ସାହୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡି ତା'ର ସଙ୍ଗଠନକୁ ଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

# ଟିକାକରଣ କେନ୍ଦ୍ରରେ ଅବ୍ୟବସ୍ଥା

ବେତନଟୀ,୮।୧୦(ସ୍ୱ.ପ୍ର.)


ଟିକା ପାଇଁ ରାତି ଉଜାଗର ରହି ଲୋକେ ଧାଡ଼ିରେ ବସିଛନ୍ତି।

ମୟୂରଭଞ୍ଜ ଜିଲା ବୈଶିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରସ୍ଥିତ କୋଭିଡ୍ ଟିକାକରଣ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଭାଗୀୟ କର୍ମଚାରୀଙ୍କ ଢ଼ିଲା ନୀତି, ପ୍ରିୟା ପ୍ରୀତି ତୋଷଣ ମନୋବୃତ୍ତିକୁ ନେଇ ଏହି ଟିକାକରଣ କେନ୍ଦ୍ରରେ ବାରମ୍ବାର ଉତ୍ତେଜନା ପ୍ରକାଶ ପାଉଛି। ଏଠାରେ ୩୦୦ ଟିକା ଉପଲବ୍ଧ ହେଉଥିବା ବେଳେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଧାଡ଼ି ବାନ୍ଧି ଛିଡ଼ା ହେଉଥିବାରୁ ମାତ୍ରାଧିକ ଜନଗହଳି ଲାଗି ରହୁଛି। ଏଥିପାଇଁ ଅଧିକାଂଶ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବାରୁ ବେଳେବେଳେ ପୋଲିସକୁ ମଧ ହସ୍ତକ୍ଷେପ କରିବାକୁ ପଡୁଛି। ପ୍ରକାଶ ଥାଉକି, ଗୁରୁବାର ହେବାକୁ ଥିବା ଟିକାକରଣ ପାଇଁ ବହୁ ଦୂରରୁ ଅଟୋ ଭଡ଼ାକରି ଆସିଥିବା ଶତାଧିକ ଲୋକ ତଥା ପାଖ ଗାଁର ଜନ ସାଧାରଣ ବୁଧବାର ସନ୍ଧ୍ୟାରୁ ଧାଡ଼ି ଲଗାଇଥିଲେ। ବିଳମ୍ବିତ ରାତିରେ ପରିବାରର ଛୋଟ ପିଲାଙ୍କୁ ଧରି ବିପଦସଂକୁଳ ଭାବେ ରାସ୍ତାକଡ଼ରେ ପଡ଼ି ରହିଥିଲେ। ପରିତାପର ବିଷୟ ଆଲୋକ ବ୍ୟବସ୍ଥା ଥିବା ଟିକା କେନ୍ଦ୍ର ବାରଣ୍ଡାକୁ ମଧ ସେମାନଙ୍କୁ ପ୍ରବେଶ କରିବାକୁ ଦିଆ ଯାଉନାହିଁ। ରାତି ଉଜାଗର ରହି ଟିକା ପାଇଁ ଅପେକ୍ଷାରତ ଲୋକଙ୍କୁ ଆଗ ଟିକା ଦିଆ ନ ଯାଇ ସକାଳୁ ବିଳମ୍ବରେ ଆସୁଥିବା ତଥା ଟିକାକେନ୍ଦ୍ରରେ ନିୟୋଜିତ କେତେଜଣ କର୍ମଚାରୀ ସେମାନଙ୍କ ସମ୍ପର୍କୀୟଙ୍କୁ ପ୍ରଧାନ୍ୟତା ଦେଉଛନ୍ତି। ଅନେକ ସମୟରେ ଭ୍ୟାକ୍ସିନ ଓ ଟୋକନ ସମାନ ପରିମାଣର ଥିବାବେଳେ ଆଗ ଭ୍ୟାକ୍ସିନ ସରିଯାଉଥିବାରୁ ବିନା ଟୋକନରେ ବି କିଛି ଭ୍ୟାକ୍ସିନ ଦିଆଯାଉଥିବା ଅଭିଯୋଗ ହେଉଛି। ଏ ବାବଦରେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଯେଉଁ କର୍ମଚାରୀମାନେ ଏଭଳି କାର୍ଯ୍ୟରେ ଲିପ୍ତ ଥିଲେ ସେମାନଙ୍କୁ ଟିକାକରଣ କେନ୍ଦ୍ରରୁ ହଟାଇ ଦିଆଯାଇଛି ଓ ଆଗକୁ ଟୀକାକରଣ ସୁରୁଖୁରୁରେ ଚାଲିବ ବୋଲି କହିଛନ୍ତି। ଜିଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ୨ ବାଲି ବୋଝେଇ ଟ୍ରକ୍ ଜବତ

ଭଣ୍ଡାରିପୋଖରୀ,୮।୧୦(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ନଂ. ଜାତୀୟ ରାଜପଥର ଛତାବର ଛକ ନିକଟରୁ ଶୁକ୍ରବାର ପୋଲିସ ୨ ବାଲି ବୋଝେଇ ଟ୍ରକ୍ ଜବତ କରିଛି। ଦୁଇ ଟ୍ରକ୍‌ରେ ବେଆଇନ ଭାବେ ବାଲି ପରିବହନ କରାଯାଉଥିବା ବେଳେ ପୋଲିସ ଧରିଥିଲା। ଏ ନେଇ ଥାନାରେ ଦୁଇଟି ମାମଲା (ନଂ.୩୧୧/୨୧ ଓ ୩୧୨/୨୧) ରେ ରୁଜୁ କରାଯାଇଛି। ଏହି ଘଟଣାରେ ୨ ଟ୍ରକ୍ ଚାଳକ ବାଲେଶ୍ୱର ଜିଲା ସୋର ଅଞ୍ଚଳର ମୁମତାଜ ଅଲ୍ଲୀ ଓ ଧାମନଗର ଥାନା ଅଞ୍ଚଳର ଦେବେନ୍ଦ୍ରନାଥ ମୁଣ୍ଡାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ପ୍ରାଣୀ ଚିକିତ୍ସା କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ବନ୍ତ,୮।୧୦(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକରେ ପ୍ରାଣୀ ଚିକିତ୍ସା କର୍ମଚାରୀମାନେ ୫ ଦଫା ଦାବି ନେଇ ଗତ ମଙ୍ଗଳବାରଠାରୁ ଚାରିଦିନ ଧରି କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗଦେଇ ଆସୁଛନ୍ତି। ଦରମାରେ ଥିବା ଅସଙ୍ଗତି ଦୂର କରିବା, କ୍ୟାଡ୍ର ପୁନର୍ଗଠନ, ଦୁଇ ବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମ ସମସ୍ତଙ୍କ ନିମନ୍ତେ ଲାଗୁ, କାର୍ଯ୍ୟସାରଣୀ ସଂଶୋଧନ, ନିଯୁକ୍ତି ନିୟମରେ ପରିବର୍ତ୍ତନ, ୬ବର୍ଷର ଚୁକ୍ତିଭିତ୍ତିକ କାର୍ଯ୍ୟକାଳକୁ ଚାକିରି କାଳ ପରିସରଭୁକ୍ତ ଆଦି ଦାବି ପୂରଣ ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି କ୍ରମେ ସେମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ମାଧ୍ୟମରେ ସରକାର ଆମର ଦାବିକୁ ଗୁରୁତ୍ୱ ଦେବେ ବୋଲି ଆଶାବାଦୀ ଥିବା ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ଜିଲା ଉପସଭାପତି ପ୍ରାଣୀଧନ ନିରୀକ୍ଷକ ପ୍ରିୟବ୍ରତ ରାଉତ କହିଛନ୍ତି।

## କେନ୍ଦ୍ରୀୟ ଚିକିତ୍ସାଳୟ ଦେଖି ଖପ୍ପା ହେଲେ କେନ୍ଦ୍ରମନ୍ତ୍ରୀ


ଆଲୋଚନା ବୈଠକରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

ଯୋଡ଼ା/ଚମ୍ପୁଆ,୮।୧୦(ଡି.ଏନ.ଏ.)

କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳ ଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଶୁକ୍ରବାର ପୂର୍ବାହ୍ନରେ କେନ୍ଦୁଝର ଜିଲା ଯୋଡ଼ା ବ୍ଲକର କାନପୁରଠାରେ ନିର୍ମିତ ବୈତରଣୀ ନଦୀବନ୍ଧ ଯୋଜନା ପରିଦର୍ଶନ ଲାଗି ଆସିଥିଲେ। ଜଳସେଚନ ବିଭାଗର କାନପୁର ଆଇବିଠାରେ ପ୍ରକଳ୍ପ ସମ୍ପର୍କରେ ବୁଝିବା ସହିତ ବିସ୍ଥାପିତଙ୍କ ପୁନର୍ବାସ ଓ ଥଇଥାନ ନେଇ ଚମ୍ପୁଆ ଉପଜିଲାପାଳ,ବଡ଼ବିଲ ତହସିଲଦାର ଓ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପ୍ରକଳ୍ପର ସ୍ପିଲୱେରେ ନିମ୍ନମାନର ବାଲି ପକାଯାଇଥିବା ଅଭିଯୋଗ ହେବାରୁ ମନ୍ତ୍ରୀ ଉକ୍ତ ସ୍ଥାନକୁ ପରିଦର୍ଶନରେ ଯାଇ କ୍ଷୋଭ ପ୍ରକାଶ କରିଥିଲେ ।

ସେହିପରି ସତୁରୀ ଦଶକରେ ଶ୍ରମ ବିଭାଗ ପକ୍ଷରୁ ଯୋଡ଼ା, ସୁନ୍ଦରଗଡ଼ ଜିଲାର କୋଇଡ଼ା, ଯାଜପୁର ଜିଲାର ଦୈତାରୀ, ଝାଡ଼ଖଣ୍ଡ ରାଜ୍ୟର ଜାମଦା ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଯୋଡ଼ା କେନ୍ଦ୍ରୀୟ ଚିକିତ୍ସାଳୟ ସ୍ଥାପନ କରିଥିଲେ। ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଏଠାରେ ଡ଼ାକ୍ତର,ବିଶେଷଜ୍ଞ ନିଯୁକ୍ତି ଦେବା ବନ୍ଦ ହୋଇଯାଇଛି। ଚିକିତ୍ସାଳୟରେ ଔଷଧ ଯୋଗାଣ ବନ୍ଦ କରାଯିବା ସହିତ ରୋଗୀଙ୍କ ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ଚିକିତ୍ସାଳୟରେ ରକ୍ତ ପରୀକ୍ଷା, ଅଲଟ୍ରାସାଉଣ୍ଡ୍ ଏବଂ ଅନ୍ୟାନ୍ୟ ପରୀକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଏହି ସବୁ ସମସ୍ୟା ସମ୍ପର୍କରେ ମନ୍ତ୍ରୀ ଅବଗତ ହେଲା ପରେ ଚିକିତ୍ସାଳୟ ପରିଦର୍ଶନରେ ଯାଇ ଅବ୍ୟବସ୍ଥାକୁ ନେଇ ବିରକ୍ତି ପ୍ରକାଶ କରି ବୈଠକ ହଲରୁ ଉଠି ପଳାଇଥିଲେ। ପରେ ସେ ଚମ୍ପୁଆ ଗସ୍ତରେ ଯାଇଥିଲେ। ମନ୍ତ୍ରୀଙ୍କ ସହିତ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ଜିଲା ଭାଜପା ସଭାପତି ଅଂଶୁମାନସବୁଜ ମହାନ୍ତବର୍ମା,ରାଜ୍ୟ ଉପସଭାନେତ୍ରୀ ସୁକେଶି ଓରାମ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ମୂରଲୀମନୋହର ଶର୍ମା, ଜିଲା ସାଧାରଣ ସମ୍ପାଦକ ଅନୁଗତ ବେହେରା, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସବିର ଦାସ ଓ ମୁନା ମହାରଣା, ଜିଲା ସମ୍ପାଦକ ଦୀପକ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ଜିଲା ଉପ ସଭାପତି ଅଗନୁଚରଣ ମହାନ୍ତ ପ୍ରମୁଖ ସାମିଲ ଥିଲେ ।

## ରାସ୍ତା ନିର୍ମାଣ ଦାବିରେ ରାଜପଥ ଅବରୋଧ

ବାରିପଦା ଅଫିସ,୮।୧୦

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ଜିଆଣୀ କ୍ରସର ଛକରୁ ଝିନେଇ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ଦାବି ନେଇ ୨ଟି ପଞ୍ଚାୟତର ଲୋକେ ଶୁକ୍ରବାର ୧୮ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ବାରିପଦା ସବ୍‌ଡିଭିଜନ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ପୂର୍ବାହ୍ନ ୧୦ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଜାତୀୟ ରାଜପଥର ଅସନବଣିଠାରେ ବିକ୍ଷୋଭ ପ୍ରଦାର୍ଶନ କରିଥିଲେ। ମାରାଂଡାଣ୍ଡି ଓ ବେତନା ପଞ୍ଚାୟତବାସୀ ଏହି ରାସ୍ତାରେ ପ୍ରତିଦିନ ଯାତାୟାତ କରିଥାନ୍ତି। ଦୀର୍ଘ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ଉକ୍ତ ରାସ୍ତାର ମରାମତି ହେଉ ନ ଥିବାରୁ ଏହା ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି। ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ପିଚୁ ରାସ୍ତା ନିର୍ମାଣ କରିବାକୁ କରାଯାଇ ଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାର ପ୍ରତିବାଦରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ଥିବା କହିଛନ୍ତି। ଖବରପାଇ ବିଡିଓ ଦେବାଶିଷ ମହାପାତ୍ର, ତହସିଲଦାର ଅଭିଷେକ ଦାସ, ଏସ୍‌ଡିପିଓ କେ.କେ.ହରିପ୍ରସାଦ ଓ କୁଳିଅଣା ଥାନାଧିକାରୀ କୃଷ୍ଣଚନ୍ଦ୍ର ଯାନୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାର ମରାମତି କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତିସ୍ୱାଭାବିକ ହୋଇଥିଲା।



ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ବିଶେଷଜ୍ଞ ମହାସଂଘର ବୈଠକ

କେନ୍ଦୁଝର, ୮।୧୦(ସ୍ୱ.ପ୍ର.)

ଓଡିଶା ରାଜ୍ୟବନୌଷଧୀ ବିଶେଷଜ୍ଞ ମହାସଂଘର ରାଜ୍ୟସ୍ତରୀୟ ବୈଠକ କଲେଜ ରୋଡ ସ୍ଥିତ ରାଜ୍ୟ ସଭାପତି ବୈଦ୍ୟ ବିଶାରଦ ହରେକୃଷ୍ଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟର କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ, ରାଉରକେଲା, ସୋନପୁର ଆଦି ଜିଲାର ବୈଦ୍ୟ ପ୍ରତିନିଧି ମାନେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲାଚନା କରିଛନ୍ତି। ଗତବର୍ଷ ୧୦ ହଜାର ଫଳବୃକ୍ଷ ରୋପଣ କରିବାକୁ ଶପଥ ନେଇଥିଲେ ହେଁ ସମୀକ୍ଷା ବେଳେ ସେମାନେ ୧୮ହଜାରରୁ ଅଧିକ ବୃକ୍ଷରୋପଣ କରାଯାଇଥିବା ଜଣାପଡିଥିଲା। ଆୟୁଷ ମିଶନରେ ବୈଦ୍ୟମାନଙ୍କ ପାଇଁ ଟ୍ରେନିଂ ପ୍ରୋଗ୍ରାମ ଅନ୍‌ଲାଇନ୍‌ରେ ଆସନ୍ତା ମାସ ଠାରୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ତିନି ମାସିଆ ଟ୍ରେନିଂ ପ୍ରୋଗ୍ରାମରେ ପ୍ରଥମ ପର୍ଯ୍ୟାୟରେ ୫୦ଜଣ ବୈଦ୍ୟଙ୍କୁ ତାଲିମ ଦେବାକୁନିଷ୍ପତ୍ତିହୋଇଛି। ପରବର୍ତ୍ତୀ ପର୍ଯ୍ୟାୟ ଟ୍ରେନିଂ କାର୍ଯ୍ୟକ୍ରମ ଏକ ବର୍ଷ ଧରି ଚାଲିବ। ଚଳିତ ମାସରେ ମହାସଂଘର ସାଧାରଣ ବୈଠକ କେନ୍ଦୁଝର ଜିଲାରେ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା। ଯୋଗୀ ଫାଲଗୁନୀ ମୁନୀ, ଦୈତାରୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମହାସଂଘର ସମ୍ପାଦକ ବଳରାମ ସିଂ ଦେଓ ସଭା ପରିଚାଳନା କରିଥିଲେ।

## ରକ୍ତଦାନ ଶିବିର

ଭଣ୍ଡାରିପୋଖରୀ,୮।୧୦(ଡି.ଏନ.ଏ)

ଭାଜପାର ଭଣ୍ଡାରିପୋଖରୀ ଶାଖା ପକ୍ଷରୁ ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିରଠାରେ ସେବା ସମର୍ପଣ କାର୍ଯ୍ୟକ୍ରମ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ଏହାକୁ ଉଦ୍‌ଘାଟନ କରିଥିଲେ। ୩୦ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଭାଜପା ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଭଣ୍ଡାରିପୋଖରୀ ମଣ୍ଡଳ ସଭାପତି ଗିରିଶ ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ପ୍ରକାଶ ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ପ୍ରତାପ ଦ୍ୱିବେଦୀ, ସୁଶାନ୍ତ ମହାପାତ୍ର, କରୁଣାକର ସାହୁ, ଶିବାନୀ ଶଙ୍କର ସ୍ୱାଇଁ, ଦେବାଶିଷ ମହାପାତ୍ର, ରାଜେଶ ଧଳ, ଦେବେନ୍ଦ୍ର ଜେନା, ସତ୍ୟଜିତ ରାଉତ, ମଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ଜିଲା ରକ୍ତଭଣ୍ଡାର ପକ୍ଷରୁ ଡାକ୍ତର ଶରତ କୁମାର ଆଚାର୍ଯ୍ୟ ଓ ସହାୟକ ରବୀନ୍ଦ୍ର ଜେନା, ସୁବ୍ରତ ବିଶ୍ୱାଳ, ରତିକାନ୍ତ ବଳ ଓ ପ୍ରକାଶ ବେହେରା ରକ୍ତ ସଂଗ୍ରହ କରିଥିଲେ।

## ନାମଲେଖାରୁ ବଞ୍ଚିତ ହେଲେ ଆଦିବାସୀ ଛାତ୍ର

ଭଦ୍ରକ ଅଫିସ,୮।୧୦

### ନାହିଁ ଜାତିଗତ ପ୍ରମାଣପତ୍ର

ଭଦ୍ରକ ଜିଲା ଧାମନଗର ଅଞ୍ଚଳର ଜଣେ ଆଦିବାସୀ ଛାତ୍ର ଜାତିଗତ ପ୍ରମାଣପତ୍ର ଦେଇ ନ ପାରିବାରୁ ଯୁକ୍ତ ୨ କଳାରେ ନାମଲେଖାରୁ ବଞ୍ଚିତ ହୋଇଛନ୍ତି। ପ୍ରକାଶ ଯେ, ଧାମନଗର ବିଜ୍ଞାପିତ ଅଞ୍ଚଳର ୩ ନଂ. ୱାର୍ଡ ଜୟନଗର ଗ୍ରାମର ଉପେନ୍ଦ୍ର ମୁଣ୍ଡାଙ୍କୁ ଭୂମିହୀନ ଭାବେ ଜିଲା ପ୍ରଶାସନ ପକ୍ଷରୁ ଏକ ଜାଗା ଯୋଗାଇ ଦିଆଯାଇଥିଲା। ଉପେନ୍ଦ୍ରଙ୍କ ପୁଅ ଭୋଳାଶଙ୍କର ଚଳିତବର୍ଷ ମାଟ୍ରିକ୍ ପାସ୍ ପରେ ନାମ ଲେଖାଇବା ପାଇଁ ଏହି ଜମି ପଟ୍ଟା ମାଧ୍ୟମରେ ଧାମନଗର ତହସିଲରେ ଜାତିଗତ ପ୍ରମାଣପତ୍ର ଲାଗି ଆବେଦନ କରିଥିଲେ। କିନ୍ତୁ ଉକ୍ତ ପଟ୍ଟାରେ ଜାତି ଲେଖାଯାଇ ନ ଥିବାରୁ ତାଙ୍କୁ ପ୍ରମାଣପତ୍ର ମିଳିପାରି ନ ଥିଲା। ବାରିକପୁର ସ୍ଥିତ ପଞ୍ଚାୟତ କଲେଜରେ ଯୁକ୍ତ ୨ କଳାରେ ନାମ ଲେଖାଇବା ପାଇଁ ସେ ଆବେଦନ କରିଥିଲେ। ସେ ହେଲେ ଜାତିଗତ ପ୍ରମାଣପତ୍ର ଦେଇ ନ ପାରିବାରୁ ତାଙ୍କ ନାମଲେଖା ହୋଇପାରି ନାହିଁ। ଏ ସମ୍ପର୍କରେ ଧାମନଗର ଅତିରିକ୍ତ ତହସିଲଦାର ଅନୁପ କୁମାର ବେହେରାଙ୍କୁ ପଚାରିବାରୁ ଉକ୍ତ ପଟ୍ଟାରେ ଜାତି ଲେଖାଯାଇ ନ ଥିବାରୁ ତହସିଲ ପକ୍ଷରୁ ପ୍ରମାଣପତ୍ର ଦିଆଯାଇ ପାରି ନ ଥିଲା ବୋଲି କହିଛନ୍ତି।

# ୧୩୩୨ ହିତାଧିକାରୀଙ୍କୁ ୫୯.୨୩ କୋଟି ଋଣ

ବାଲେଶ୍ୱର ଅଫିସ, ୮।୧୦



ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ବାଲେଶ୍ୱର ବ୍ରିଟ୍ କଲ୍ୟାଣ ମଣ୍ଡପଠାରେ ଏକ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ୧୩୩୨ଜଣ ହିତାଧିକାରୀଙ୍କୁ ବିଭିନ୍ନ ବ୍ୟାଙ୍କ ତରଫରୁ ୫୯.୨୩ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଭାରତ ସରକାରଙ୍କ ଅଧୀନ ଅର୍ଥନୈତିକ ସେବା ବିଭାଗ ନିର୍ଦ୍ଦେଶକ୍ରମେ ଜିଲା ଅଗ୍ରଣୀ ବ୍ୟାଙ୍କ ୟୁକୋ ବ୍ୟାଙ୍କ ସମେତ ଅନ୍ୟାନ୍ୟ ବ୍ୟାଙ୍କ ସହଯୋଗରେ ଆୟୋଜିତ ଶିବିରକୁ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରି ସମ୍ପ୍ରତି ବ୍ୟାଙ୍କ ସେବାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଥିବା ମତବ୍ୟକ୍ତ କରିଥିଲେ। ପୂର୍ବରୁ କୌଣସି ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ଜଟିଳ ପ୍ରକ୍ରିୟା ହୋଇଥିବା ବେଳେ ଏବେ ତାହା ଅତ୍ୟନ୍ତ ସରଳ ହୋଇପାରିଥିବା ସେ କହିଥିଲେ। ବ୍ୟାଙ୍କ ଋଣ ପାଇବା ମଧ ଏବେ ସହଜ ହୋଇପାରିଛି । ସରକାରୀ ସ୍କିମ୍‌ରେ କମ୍ ସୁଧ ବା ସବ୍‌ସିଡ଼ିରେ ଜନସାଧାରଣ ଋଣ ପାଇପାରିବେ। ତେଣୁ ଏ ଦିଗରେ ପଦକ୍ଷେପ ନେବା ସହ ବାଲେଶ୍ୱର ଜିଲାର ଜନସାଧରଣଙ୍କ ଆବଶ୍ୟକତା ଅନୁଯାୟୀ ବ୍ୟାଙ୍କମାନେ ଋଣ ପ୍ରଦାନ ଲାଗି ଆଗେଇ ଆସିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ ।

ୟୁକୋ ବ୍ୟାଙ୍କ କ୍ଷେତ୍ରୀୟ ପ୍ରବନ୍ଧକ ଲଲାଟେନ୍ଦୁ ବେହେରା, ନାବାର୍ଡ ଜିଲା ଉନ୍ନୟନ ଅଧିକାରୀ ତାପସ ରଞ୍ଜନ ପ୍ରଧାନ, ୟୁନିଅନ ବ୍ୟାଙ୍କ କ୍ଷେତ୍ରୀୟ ପ୍ରବନ୍ଧକ ଶଙ୍କର ହେମ୍ବ୍ରମ, ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ସୁଦୀପ ଡାକୁଆ, ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭାଶିଷ ମହାପାତ୍ର, ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟତଃ କୃଷି, ଅଣୁ ଓ କ୍ଷୁଦ୍ର ଶିଳ୍ପ, ଗୃହ ଋଣ, ଗୋଷ୍ଠୀ ଋଣ ଆଦିକୁ ଅଗ୍ରାଧିକାର ଦେବା ସହିତ ଖାଉଟି ଉପଭୋକ୍ତା ଋଣ, ଅଟୋମୋବାଇଲ ଋଣକୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାଦ୍ୱାରା ଅର୍ଥନୈତିକ ଅଗ୍ରଗତି ସହିତ ରୋଜଗାରର କ୍ଷେତ୍ର ମଧ ସୃଷ୍ଟି ହୋଇପାରିବ। ଶିବିରରେ ଜିଲାରେ କାର୍ଯ୍ୟରତ ପ୍ରାୟ ୨୫ଟି ସରକାରୀ, ବେସରକାରୀ ବ୍ୟାଙ୍କ ଅଂଶଗ୍ରହଣ କରି ନିଜ ଷ୍ଟଲ ମାଧ୍ୟମରେ ବ୍ୟାଙ୍କ ସ୍କିମ୍‌ଗୁଡିକର ପ୍ରଦର୍ଶନ କରିଥିଲେ। ଗ୍ରାହକମାନଙ୍କୁ ସରଳ ଭାବରେ ବ୍ୟାଙ୍କ ଋଣ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ସେବା ସମ୍ପର୍କରେ ବୁଝାଇଥିଲେ । ଏଥିରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଦୃଶ୍ୟଶ୍ରାବ୍ୟ ଫଳକ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଆସନ୍ତା ୨୭ରେ ଆଉ ଏକ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ ବ୍ରିଟ୍ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହେବ। ବ୍ୟାଙ୍କ ଗ୍ରାହକ ଓ ଜନସାଧାରଣ ଏଥିରେ ଅଂଶଗ୍ରହଣ କରି ଏହାର ସୁଯୋଗ ନେବାକୁ ପରାମର୍ଶ ଦିଆଯାଇଥିଲା । ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ସୁଦୀପ ଡାକୁଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବାଲେଶ୍ୱରରେ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ

## ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଆରଡ଼ି, ୮।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଦୋହରାପାଟଣାଠାରେ ଶୁକ୍ରବାର ସୁନ୍ଦରପୁର ମିଶନ ଶକ୍ତି ଗୃହ ଉଦ୍‌ଘାଟିତ ହୋଇଯାଇଛି। ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ସୁନ୍ଦରପୁର ମହିଳା ମହାସଂଘର ସଭାନେତ୍ରୀ ଶାନ୍ତିଲତା ଖଟୁଆଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଦୀପ୍ତି ରଞ୍ଜନ ନାୟକ ମହିଳା ସଶକ୍ତିକରଣର ଅନ୍ୟନାମ ମିଶନ ଶକ୍ତି ବୋଲି କହିଥିଲେ। ପଞ୍ଚାୟତରେ ସ୍ୱୟଂସହାୟକ ଗୋଷ୍ଠୀର ବିଭିନ୍ନ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ମିଶନ ଶକ୍ତି ଗୃହର ଆବଶ୍ୟକ ଥିଲା। ତାହା ପୂରଣ ହୋଇଥିବାରୁ ସମ୍ପାଦିକା ଲକ୍ଷ୍ମୀପ୍ରିୟା ନାୟକ ବିଭାଗ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। କୋଷାଧକ୍ଷା ଶୁଭଲକ୍ଷ୍ମୀ ନାୟକ, ଏମ୍‌ବିକେ ଗୀତାଞ୍ଜଳି ସେଠୀ ଓ ଯୁଗ୍ମ ସମ୍ପାଦିକା ମଞ୍ଜୁଲତା ମାଝୀ ଉପସ୍ଥିତ ଥିଲେ। ଦୋହରାପାଟଣା, ସୁନ୍ଦରପୁର, ଖଟୁଆପାଟଣା, କୁଳେଇପଦା ଆଦି ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ।

